Gramin Krishi Mausam Sewa
India Meteorological Department
Odisha University of Agriculture and Technology
Bhubaneswar -751 003

Dr.T.R Mohanty
Nodal Officer

**ସପ୍ତାହ –୦୫**

ନ.- ୧୯୭(ଓଡିଆ ବୁଲେଟିନ)
ତାରିଖ-୦୩.୦୨.୨୦୨୩

(ସୌଜନ୍ୟ – ଓୟୁଏଟି ସ୍ଥିତ କୃଷି ପାଣିପାଗ ଉପ ବିଭାଗ ଓ ଓଡ଼ିଶା ସରକାରଙ୍କ କୃଷି ନିର୍ଦ୍ଦେଶାଳୟ, ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ ଓ ମତ୍ସ୍ୟ ନିର୍ଦ୍ଦେଶାଳୟ)

## ବିଶେଷ ସୂଚନା

- ୩ ରୁ ୫ ସପ୍ତାହ ହୋଇଥିବା ଧାନ ତଳିକୁ ବୁଦା ପ୍ରତି ୩ ରୁ ୪ ଟି ହିସାବରେ ୧୫ ସେମି X ୧୫ ସେମି ବ୍ୟବଧାନ ରେ ସିଧା ଭାବରେ ଓ ଅଳ୍ପ ଗଭୀର ରେ ରୋଇବା ଉଚିତ ।
- ପତ୍ରପୋଡା ରୋଗ ପ୍ରାଦୁର୍ଭାବ ଅଞ୍ଚଳ ରେ ତଳି ଚେର କୁ ୦.୧ % **Plantomycin** (୧ ଗ୍ରାମ ୧ ଲିଟର ହିସାବ ରେ ) ୩୦ ମିନିଟ ପର୍ଯ୍ୟନ୍ତ ବୁଡାଇ ବିଶୋଧନ କରନ୍ତୁ ।
- କାଣ୍ଡ ବିନ୍ଧା ପୋକ ର ଦମନ ପାଇଁ ଧାନ ଚାରା କୁ ୦.୨% Chloropyriphos ଦ୍ଵାରା ୧୦-୧୨ ଘଣ୍ଟା ପାଇଁ ବିଶୋଧନ କରନ୍ତୁ ।
- ଶେଷଥର କାଦୁଅ କରିବା ସମୟରେ (ଡିଏପି ୪୪ କିଗ୍ରା + ଏମଓପି ୨୨ କିଗ୍ରା) କିମ୍ବା (ୟୁରିଆ୨୨ କିଗ୍ରା + ଏସଏସପି ୧୨୫ କିଗ୍ରା + ଏମଓପି ୨୨ କିଗ୍ରା) ମୂଳ ସାର ହିସାବ ରେ ବ୍ୟବହାର କରନ୍ତୁ ।
- ଯେଉଁ ଚାଷୀ ଭାଇ ମାନେ ଧାନ ରୁଆ କାମ ସାରି ଦେଇଛନ୍ତି ଧାନ ରେ ମିଶ୍ରିତ ବାଲୁଙ୍ଗା ଦମନ ପାଇଁ **Bensulfuron-methyl + Pretilachlor** @ ଏକର ପ୍ରତି ୪ କେଜି ହିସାବ ରେ ୫ ରୁ ୮ ଦିନ ପରେ ପ୍ରୟୋଗ କରନ୍ତୁ ।
- କାଣ୍ଡ ବିନ୍ଧା ପୋକ ଓ ପତ୍ରପୋଡା ପୋକ ନିରୀକ୍ଷଣ ପାଇଁ ଏକର ପ୍ରତି ୩ ଟି ଯୌନ ସମ୍ବେଦନଶୀଳ ଯନ୍ତା ରଖନ୍ତୁ ।
- ବର୍ତମାନ ଶୁଖିଲା ପାଗ ରହୁଥିବା ରୁ ଚାଷୀ ଭାଇ ମାନେ ଫସଲ ରେ ଜଳ ସେଚନ ବ୍ୟବସ୍ଥା କରନ୍ତୁ ।
- ମାଟି ର ଆର୍ଦ୍ରତା କୁ ଧ୍ୟାନ ରେ ରଖି ରବି ଫସଲ କୁ ୭ ରୁ ୮ ଦିନ ବ୍ୟବଧାନ ରେ ୧୦ ରୁ ୧୫ ଟି ଜଳସେଚନ କରନ୍ତୁ ।

### ଧାନ(ଡାଲୁଅ):

ଘାସ ନିୟନ୍ତ୍ରଣ

ଧାନ ବୁଣିବାର ୩ ଦିନ ମଧ୍ୟରେ ଏକର ପ୍ରତି ୮୦୦ ମିଲି pretilachlor ନାମକ ଘାସମରା ଔଷଧ କିମ୍ବା ୩୦ ଗ୍ରାମ Oxadiargyl ନାମକ ଘାସମର ଔଷଧ କିମ୍ବା ୮୦ ଗ୍ରାମ Pyrazosulfuron Ethyl ଘାସମରା ଔଷଧ, ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ କିମ୍ବା ୨୦ କିଲୋଗ୍ରାମ ବାଲି ରେ ମିଶାଇ ସମାନ ଭାବରେ ଜମି ରେ ପ୍ରୟୋଗ କରନ୍ତୁ।

### ବିରି ଓ ମୁଗ:

ଜଉ ପୋକ

ମୁଗ ଓ ବିରି ଫସଲରେ ବର୍ତମାନ ସମୟ ରେ ଜଉ ପୋକ ଲାଗିବାର ସମ୍ଭାବନା ରହିଛି। ମୁଗ ଓ ବିରି ଫସଲରେ ପ୍ରାଥମିକ ଅବସ୍ଥାରେ ଜଉ ପୋକ ର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ପିପିଏମ କୁ ୨୦୦ ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ। ଜଉ ପୋକ ର ରାସାୟନିକ ଉପାୟରେ ପରିଚାଳନା ପାଇଁ ଏକର ପ୍ରତି ୪୦ ଗ୍ରାମ Thiamethoxam କିମ୍ବା ୫୦ ଗ୍ରାମ Acetamiprid କିମ୍ବା ୬୦ ମିଲି Imidachloprid ନାମକ କୀଟନାଶକ, ୨୦୦ ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ।

### ଚିନାବାଦାମ:

ଘୋଡା ପୋକ

ବର୍ତମାନ ସମୟରେ ଚିନାବାଦାମ ଫସଲରେ ଘୋଡା ପୋକ ଲାଗିବାର ସମ୍ଭାବନା ରହିଛି। ଏହି ପୋକ ର ନିୟନ୍ତ୍ରଣ ପାଇଁ ଏକର ପ୍ରତି ୪୦୦ ମିଲି fipronil ୫% SL କିମ୍ବା ୮୦ ଗ୍ରାମ indoxacarb୧୪.୫ % SC, ୨୦୦ ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ।

**ଆଳୁ:**

 କଟା ପୋକ ପରିଚାଳନା

ଆଳୁ ଫସଲ ରେ କଟା ପୋକ ର ପରିଚାଳନା ପାଇଁ ଏକର ପ୍ରତି ୪୦୦ ମିଲି Chlorpyriphos ଏବଂ Cypermethrin ର ମିଳିତ କୀଟନାଶକ, ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ । ପୋକ ଗୁଡିକ ରାତ୍ରଚର ହୋଇଥିବାରୁ କୀଟନାଶକ କୁ ସନ୍ଧ୍ୟା ସମୟ ରେ ସିଂଚନ କରନ୍ତୁ । ଏକର ପ୍ରତି ୧୦ କିଲୋଗ୍ରାମ chlorpyriphos ଗୁଣ୍ଡ କୁ ହୁଡା ଉପରେ ପ୍ରୟୋଗ କରନ୍ତୁ।

**କୋବି ଜାତୀୟ ପନିପରିବା :**

ଅଲ୍ଟରନେରିଆ ପତ୍ରଦାଗ ରୋଗ

ବର୍ତମାନ ସମୟରେ ମେଘୁଆ ପାଗ ଯୋଗୁଁ କୋବି ଜାତୀୟ ଫସଲ ରେ ଅଲ୍ଟରନେରିଆ ପତ୍ରଦାଗ ରୋଗ ଦେଖା ଦେବାର ସମ୍ଭାବନା ରହିଛି । ଏହି ରୋଗର ପରିଚାଳନା ପାଇଁ ଏକର ପ୍ରତି ୬୦୦ଗ୍ରାମ Mancozeb ନାମକ ଫିମ୍ପିନାଶକ କିମ୍ବା ୪୦୦ଗ୍ରାମ carbendazim ଓ Mancozeb ର ମିଳିତ ଫିମ୍ପିନାଶକ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

**ପିଆଜ:**

ବାଦାମି ବ୍ଲଚ ଏବଂ ପତ୍ର ପୋଡା ରୋଗ

ପିଆଜ ଫସଲ ରେ ବାଦାମି ବ୍ଲଚ ଏବଂ ପତ୍ର ପୋଡା ରୋଗ ର ପରିଚାଳନା ପାଇଁ ଏକର ପ୍ରତି ୬୦୦ ଗ୍ରାମ Mancozeb ନାମକ ଫିମ୍ପିନାଶକ କିମ୍ବା ୨୦୦ ମିଲି Difenoconazole ନାମକ ଫିମ୍ପିନାଶକ କିମ୍ବା ୧୦୦ ମିଲି Tebuconazole ନାମକ ଫିମ୍ପିନାଶକ, ୨୦୦ ଲିଟର ପାଣିରେ ମିଶାଇ ୧୫ ଦିନ ଅନ୍ତର ରେ ସିଂଚନ କରନ୍ତୁ । ପିଆଜ ଗଛର ପତ୍ର ଅଧିକ ଚିକ୍କଣ ହୋଇଥିବାରୁ ଔଷଧ ସିଂଚନ କଲାପରେ ତଳ କୁ ଖସିଆସେ, ତେଣୁ କୀଟନାଶକ ସହ ଏକର ପ୍ରତି ୨୦୦ ମିଲି sticker କିମ୍ବା spreader, ମିଶାଇ ସିଂଚନ କରନ୍ତୁ ।

**ଆମ୍ବ:**

ଆମ୍ବ ଡାହାଣୀ ପୋକ

ବର୍ତମାନ ସମୟରେ ମେଘୁଆ ପାଗ ଯୋଗୁଁ ଆମ୍ବ ଗଛରେ ଆମ୍ବ ଡାହାଣୀ ପୋକ ଲାଗିବାର ସମ୍ଭାବନା ରହିଛି । ଆମ୍ବ ଡାହାଣୀ ପୋକର ପରିଚାଳନା ପାଇଁ ଆମ୍ବ ଗଛରେ ବଉଳ ଆରମ୍ଭ ହେବା ସମୟରେ ପ୍ରତି ୧୫ ଲିଟର ପାଣି ରେ ୫ମିଲି Imidacloprid ନାମକ କୀଟନାଶକ କିମ୍ବା ୩ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୪ ଗ୍ରାମ Acetamiprid ନାମକ କୀଟନାଶକ ମିଶାଇ ସିଂଚନ କରନ୍ତୁ । କୀଟନାଶକ କୁ ବଉଳ ଆସିବା ପୂର୍ବ ରୁ ଥରେ ଏବଂ ଦୁଇ ସପ୍ତାହ ପରେ ଆଉଥରେ ସିଂଚନ କରନ୍ତୁ । ଏହା ଛଡା ଆମ୍ବ ବଗିଚା ର ଝଡା ପତ୍ର ସବୁ ସଂଗ୍ରହ କରି କୁହୁଡିଆ ବା ମେଘୁଆ ପାଗରେ ଆମ୍ବ ଗଛ ମୂଳରେ ଧୂଆଁ ଦେଲେ ଆମ୍ବ ଡାହାଣୀ ସଂଖ୍ୟା ଗଛରେ କମିଯାଏ ।

**ପ୍ରାଣୀ ସମ୍ପଦ:**

ଗାଈଗୋରୁ ମାନଙ୍କୁ ଫାଟୁଆ ରୋଗ ନ ହେବା ପାଇଁ ପ୍ରତି ବର୍ଷ ଉଚିତ ସମୟରେ ଫାଟୁଆ ଟୀକାକରଣ କରନ୍ତୁ ।

**କୁକୁଡା:**

କୁକୁଡା ଚିଆଁ ମାନଙ୍କୁ ଘୁମା ରୋଗ ନ ହେବା ପାଇଁ ୭ ଦିନିଆ ଚିଆଁ କୁ Lasota ନାମକ ଟୀକା ଓ ୧୩ ରୁ ୧୫ ଦିନିଆ ଚିଆଁ କୁ **IBD** ଟୀକାକରଣ କରନ୍ତୁ ।

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।

(Android: https://play.google.com/store/apps/details?id=com.aas.meghdoot)

(iOS: https://apps.apple.com/in/app/meghdoot/id1474048155)

ତୁଷାର ରଞ୍ଜନ ମହାନ୍ତି
ନୋଡାଲ୍ ଅଫିସର,
ଗ୍ରାମୀଣ କୃଷି ମୌସମ ସେବା,ଓ.ୟୁ.ଏ.ଟି
ଅଧ୍ୟକ୍ଷ, ଗବେଷଣା ନିର୍ଦ୍ଦେଶାଳୟ,
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ